ନିତି ଭାରତୀ

ଆମ ସମସ୍ତଙ୍କ ନିକଟରେ ସମାନ ପ୍ରତିଭା ନାହିଁ । କିନ୍ତୁ ପ୍ରତିଭା ବିକଶିତ କରିବାକୁ ଆମ ସମସ୍ତଙ୍କ ନିକଟରେ ସମାନ ସୁଯୋଗ ରହିଛି । - **ଏପିଜେ ଅବ୍‌ଦୁଲ୍ କଲାମ୍**

ଆଜିର ଦ୍ରୋଣାଚାର୍ଯ୍ୟମାନଙ୍କୁ

କେଉଁ ଅଶୁଭ ମୁହୂର୍ତ୍ତରେ କେଜାଣି ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କୁ ମାଗି ନେଇଥିଲେ ଗୁରୁଦକ୍ଷିଣା । ପଙ୍କୁ ହୋଇଗଲା ଏକଲବ୍ୟର ସମର୍ଥପଣ, ତଥାପି ଆମେ ଆଦର୍ଶ ଗୁରୁ ଭାବରେ ଗ୍ରହଣ କରୁ ଦ୍ରୋଣଙ୍କୁ । ଏକଲବ୍ୟର ଗୁରୁ ଭକ୍ତିରେ ଗଦ୍‌ଗଦ୍ ହୋଇଯାଉ । ଅର୍ଜୁନଙ୍କୁ ପୃଥିବୀର ଶ୍ରେଷ୍ଠ ଯୋଦ୍ଧା କରିବା ପାଇଁ ଅନ୍ୟ ଛାତ୍ରଙ୍କ ପ୍ରତି ସେ ଯେଉଁ ପକ୍ଷପାତ କରିଥିଲେ, ସେକଥା ବି ଭୁଲିଯାଉ, କାରଣ ତତ୍କାଳୀନ ସମାଜରେ ଗୁରୁମାନେ ଏମିତି ସ୍ଥାନ ଅଧିକାର କରିଥିଲେ । ସେମାନେ ଯେ ଦୋଷ କରି ପାରନ୍ତି, ଏକଥା କେହି ଚିନ୍ତା କରିପାରୁ ନଥିଲେ । ଅଭିଭାବକମାନେ ପିଲାମାନଙ୍କୁ ଗୁରୁଙ୍କ ଦାୟିତ୍ୱରେ ନ୍ୟସ୍ତ କରି ନିଶ୍ଚିନ୍ତ ହୋଇଯାଉଥିଲେ । ଶିକ୍ଷାର୍ଥୀମାନଙ୍କର ଶିକ୍ଷା ସମାପ୍ତିର ଘୋଷଣା ମଧ୍ୟ ଅଚାନକ ହୋଇଯାଉଥିଲା । କେଉଁ ଛାତ୍ରକୁ ବର୍ଷ ବର୍ଷ ଧରି ପରୀକ୍ଷା ଦେବା ପାଇଁ ହେଉଥିଲା ତ କେହି ଗୋଟାଏ ପ୍ରଶ୍ନରେ ଗୋଟାଏ ମୁହୂର୍ତ୍ତରେ ପରୀକ୍ଷାରେ

ବାସନ୍ତୀ ମହାନ୍ତି

ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନରୁ ବିଦାୟ ନେଉଥିଲା । ଆୟୁର୍ବେଦ ପ୍ରଣେତା ଚରକଙ୍କୁ ପରୀକ୍ଷା କରିବା ପାଇଁ ଅଗ୍ନିବେଶ ଯେଉଁ ପ୍ରଶ୍ନପତ୍ର ଦେଇଥିଲେ, ତା'ର ଉତ୍ତର ହେଉଛି ଆମ ଆୟୁର୍ବେଦ ଶାସ୍ତ୍ର । କେଉଁ ଗଛର ଔଷଧୀୟ ଗୁଣ ନାହିଁ- ଏ ପ୍ରଶ୍ନର ଉତ୍ତର ପାଇଁ ଚରକ ସାରା ଜୀବନ ଅରଣ୍ୟର ପ୍ରତିଟି ବୃକ୍ଷଲତା ପରୀକ୍ଷା କରିଥିଲେ ଓ ତାହା ତାଳପତ୍ର କିମ୍ବା ଭୁର୍ଜପତ୍ର ଦ୍ୱାରା ଲିପିବଦ୍ଧ କରି ରଖୁଥିଲେ । ବହୁ ବର୍ଷ ପରେ ଅଗ୍ନିବେଶ ତାଙ୍କୁ ଅରଣ୍ୟରୁ ଖୋଜି ବାହାର କରିଥିଲେ । ସେତେବେଳକୁ ସେ ଆଉ ବାଳକ ହୋଇ ନଥିଲେ । ପକ୍ୱକେଶ ଓ ଶ୍ମଶ୍ରୁଧାରୀ ବୃଦ୍ଧ ।

ସେ ଯୁଗର ପରୀକ୍ଷା ପଦ୍ଧତି ଓ ଆଜିର ପରୀକ୍ଷା ପଦ୍ଧତି ମଧ୍ୟରେ ଅନେକ ତଫାତ୍; ହେଲେ ସୁଦ୍ଧା ଶିକ୍ଷାର୍ଥୀଙ୍କର ଯୋଗ୍ୟତା ମୂଲ୍ୟାଙ୍କନ ଯେ ଶିକ୍ଷକମାନଙ୍କ କର୍ତ୍ତବ୍ୟର ଅଂଶବିଶେଷ, ଏହା ଅସ୍ୱୀକାର କରିହେବ ନାହିଁ । ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେବା ଯେତିକି ନିଷ୍ଠା ଓ ଶ୍ରଦ୍ଧାଶୀଳତା ଆବଶ୍ୟକ କରେ, ସେମାନଙ୍କୁ ପରୀକ୍ଷା କରିବା ମଧ୍ୟ ସେତିକି ନିଷ୍ଠା ଓ ଶ୍ରଦ୍ଧାଶୀଳତାର ଅପେକ୍ଷା ରଖେ । ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନଙ୍କର ସାଧନାକୁ ଖାମଖିଆଲି ଭାବରେ ନିର୍ଣ୍ଣୟ କରିବା କେବଳ ଦୋଷାବହ ନୁହେଁ, ଧର୍ତ୍ତବ୍ୟ ଅପରାଧ । ଶିକ୍ଷକମାନଙ୍କର ସାମାନ୍ୟତମ ଅବହେଳା ଶିକ୍ଷାର୍ଥୀମାନଙ୍କର ଭାଗ୍ୟ, ଭବିଷ୍ୟତକୁ ଭିନ୍ନମୁଖି କରିଦେଇପାରେ ।

ଦୁଃଖର ସହ କହିବାକୁ ପଡୁଛି, ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତାର ଅଭାବ ହେତୁ ଏବେ ଶିକ୍ଷକମାନଙ୍କ ହାତରୁ ପ୍ରଶାସକଙ୍କ ହାତକୁ ପରୀକ୍ଷା ଦାୟିତ୍ୱ ଚାଲିଯାଉଛି । ଓଡ଼ିଶାରେ ଜଣେ ଜଣେ ସରକାରୀ ପ୍ରତିନିଧି ପରୀକ୍ଷାକେନ୍ଦ୍ର ମଧ୍ୟରେ ପରୀକ୍ଷା ପରିଚାଳନାକୁ ନିରୀକ୍ଷଣ କରୁଛନ୍ତି । ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଓ ଚୋରି, ପରୀକ୍ଷାରେ ଶିକ୍ଷକମାନେ ପରୀକ୍ଷାର୍ଥୀମାନଙ୍କୁ କପି କରିବା ପାଇଁ ସୁଯୋଗ ଦେବା, ମୂଲ୍ୟାଙ୍କନ ବିଭ୍ରାଟ ଆଦି ଶିକ୍ଷା ବିଭାଗ ଓ ଶିକ୍ଷକମାନଙ୍କର ମର୍ଯ୍ୟାଦା କ୍ଷୁଣ୍ଣ କରିଛି । ଏସବୁ ରୋକିବା ଶିକ୍ଷକ ସମାଜର ଦାୟିତ୍ୱ । କିନ୍ତୁ ଏମାନେ ଆସ୍ଥା ଭାଜନ ହୋଇ ନ ପାରିବାରୁ ସରକାର ଏଥିରେ ହସ୍ତକ୍ଷେପ କରୁଛନ୍ତି ।

ଦଶମ ଓ ଯୁକ୍ତଦୁଇ ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା । ଏହି ଭିତ୍ତିଭୂମି ଉପରେ ସେମାନଙ୍କ ଭବିଷ୍ୟତର ସୌଧ ନିର୍ମାଣ ହୁଏ । ଏହି ପରୀକ୍ଷା ଫଳ ଆଧାରରେ ସେମାନଙ୍କୁ ଭଲ ଅନୁଷ୍ଠାନମାନଙ୍କରେ ଶିକ୍ଷାଗ୍ରହଣ କରିବାର ସୁଯୋଗ ମିଳିଥାଏ । କିନ୍ତୁ ଏହି ପରୀକ୍ଷାମାନଙ୍କରେ ହିଁ ବାରମ୍ବାର ସବୁ ପ୍ରକାର ବିଭ୍ରାଟ ହୋଇଥାଏ । ଏଥିପାଇଁ ଯେଉଁ ପ୍ରକାର ବ୍ୟାପକ ସୁରକ୍ଷାର ବ୍ୟବସ୍ଥା ହୋଇଥାଏ, ଅନ୍ୟ ପରୀକ୍ଷାମାନଙ୍କରେ ହୁଏନାହିଁ । ତଥାପି ଏଥିରେ ଆଶାଜନକ ସୁଫଳ ମିଳିନାହିଁ ।

କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଏକ ସର୍ବଭାରତୀୟ ସଂସ୍ଥା । ଏହି ପାଠ୍ୟକ୍ରମ ଅନୁସାରେ ଜାତୀୟ ସ୍ତରର ସକଳ ପ୍ରବେଶିକା ପରୀକ୍ଷା ହୋଇଥାଏ । ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ତୁଳନାରେ ଜାତୀୟ ସ୍ତରର ଆଇସିଏସ୍‌ଇ ପାଠ୍ୟକ୍ରମ ଅପେକ୍ଷାକୃତ କଷ୍ଟ ଓ ଅଧିକ ପ୍ରତିଶତ ନମ୍ବର ଆଣି ହୁଏ ନାହିଁ ବୋଲି ସିବିଏସ୍‌ଇ ପ୍ରତି ଛାତ୍ରଛାତ୍ରୀମାନେ ଆକୃଷ୍ଟ ହୋଇଥାନ୍ତି । ଏଥିରେ ସାଧାରଣତଃ ଆର୍ଥିକ ସ୍ୱଚ୍ଛଳ ବର୍ଗର ଶିକ୍ଷାର୍ଥୀମାନେ ପଢ଼ିଥାନ୍ତି । ଏବେ ସରକାରଙ୍କ ତରଫରୁ ଆଦର୍ଶ ବିଦ୍ୟାଳୟମାନ ଖୋଲାଯାଇ ଗ୍ରାମାଞ୍ଚଳରେ ସିବିଏସ୍‌ଇ ପାଠ୍ୟକ୍ରମ ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ପଢ଼ିବାର ସୁଯୋଗ ସୃଷ୍ଟି କରାଯାଇଛି । ସମସ୍ତେ ଆସ୍ଥା ପ୍ରକଟ କରୁଥିବା ଏହି ସଂସ୍ଥାରେ ଗତ ଦୁଇବର୍ଷ ହେଲା ବାରମ୍ବାର ମୂଲ୍ୟାୟନ ବିଭ୍ରାଟ ନିଶ୍ଚୟ ଚିନ୍ତାଜନକ ।

ଗତବର୍ଷ ପ୍ରଥମ ଥର ପାଇଁ ଏ ବିଭ୍ରାଟ ବାହାରକୁ ଆସିଥିଲା । ଗତବର୍ଷ ସିବିଏସ୍‌ଇ କର୍ତ୍ତୃପକ୍ଷ ଏ ତ୍ରୁଟିକୁ ସହଜରେ ମାନିନେଇ ନଥିଲେ । ପ୍ରବଳ ଜନଅସନ୍ତୋଷ ସତ୍ତ୍ୱେ ଏକତରଫା ଭାବେ ସେ ପୁନଃ ମୂଲ୍ୟାୟନ ବ୍ୟବସ୍ଥା ଉଠାଇ ଦେଇଥିଲେ । କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଏହି ବ୍ୟବସ୍ଥା ବିରୁଦ୍ଧରେ ଗଲା । ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ଯେଉଁ ୧୮ ଜଣ ପରୀକ୍ଷାର୍ଥୀଙ୍କୁ ପୁନଃମୂଲ୍ୟାୟନର ସୁଯୋଗ ମିଳିଲା, ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ନମ୍ବର ବଢ଼ିବା ବେଳେ ୩ ଜଣଙ୍କର ନମ୍ବର କମିଥିଲା । ଗତ ବର୍ଷ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପକୁ ଛାତ୍ର ଓ ଅଭିଭାବକମାନେ ତୀବ୍ର ପ୍ରତିବାଦ କରିଥିଲେ । ଏହାର ଭୟାବହତାକୁ ଅନୁଧ୍ୟାନ କରି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ସୁପ୍ରିମ୍‌କୋର୍ଟର ରାୟ ଉପରେ ସିବିଏସ୍‌ଇ କୌଣସି ରିଭ୍ୟୁ ପିଟିସନ୍ ଦାଖଲ କରି ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ପୁନଃମୂଲ୍ୟାୟନରେ ଅନ୍ୟୂନ ୧୦ ନମ୍ବର ବଢ଼ିଥିବା ପିଲାଙ୍କୁ ଫି' ଫେରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ପିଲାମାନେ ଚାହିଁଲେ ସେମାନେ ନିଜ ଖାତାର ନକଲ ମଧ୍ୟ ଦେଖି ପାରିବେ ବୋଲି ସ୍ଥିର ହୋଇଗଲା । କିନ୍ତୁ ଦୁଃଖର କଥା, ଏ ବର୍ଷ ମଧ୍ୟ ଯଥା ପୂର୍ବଂ ତଥା ପରଂ । ସେହି ମୂଲ୍ୟାୟନ ବିଭ୍ରାଟ । ତଥାପି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । କେତେକ ଛାତ୍ରଛାତ୍ରୀ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନର ଶିକାର ହୋଇ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେଲେ ।

ସୁଖର କଥା, ଗତ ବର୍ଷ ପରି ଏ ବର୍ଷ ସିବିଏସ୍‌ଇ କର୍ତ୍ତୃପକ୍ଷ କଠୋର ନହୋଇ କୋହଳ ମନୋବୃତ୍ତି ପୋଷଣ କରିଛନ୍ତି ଓ ମୂଲ୍ୟାୟନଗତ ତ୍ରୁଟିକୁ ସ୍ୱୀକାର କରିଛନ୍ତି । ଖାମଖିଆଲ ଭାବରେ ମୂଲ୍ୟାଙ୍କନ କରୁଥିବା ଶିକ୍ଷକମାନଙ୍କର ଦାୟିତ୍ୱହୀନତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛି । ସର୍ବାଧିକ ୧୩୦ ଜଣ ଏଥିପାଇଁ ଦଣ୍ଡିତ ହୋଇଛନ୍ତି । ଏ ସଂଖ୍ୟା ମଧ୍ୟ ଆହୁରି ବଢ଼ିପାରେ ବୋଲି କୁହାଯାଉଛି । ଏହି ଦଣ୍ଡିତ ଶିକ୍ଷକମାନଙ୍କ ମଧ୍ୟରୁ ସର୍ବାଧିକ ୪୫ ଜଣ ରହିଛନ୍ତି ପାଟନାର ଓ ଭୁବନେଶ୍ୱରର ୭ ଜଣ ଅଛନ୍ତି ବୋଲି ଜଣାପଡ଼ିଛି । ଏହି ଦୃଷ୍ଟାନ୍ତମୂଳକ ଦଣ୍ଡ ନିଶ୍ଚୟ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ । ସିବିଏସ୍‌ଇ ପୁଣି ତା'ର ପୂର୍ବ ମର୍ଯ୍ୟାଦା ଫେରି ପାଇବ ବୋଲି ଆଶା କରାଯାଉଛି । ନିକଟ ଅତୀତରେ ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ମଧ୍ୟ ଏହିପରି ବାରମ୍ବାର ମୂଲ୍ୟାୟନ ବିଭ୍ରାଟ ହେଉଥିଲା । ପ୍ରଥମ ଦଶଜଣଙ୍କ ଭିତରେ ରହୁଥିବା ଛାତ୍ରଛାତ୍ରୀ ବାରମ୍ବାର ଉପର ତଳ ହେଉଥିଲେ । ସୌଭାଗ୍ୟର କଥା, ଏବେ ଆଉ ସେ ସମସ୍ୟା ନାହିଁ । କର୍ତ୍ତୃପକ୍ଷଙ୍କ ଅଭିଜ୍ଞତା ଏବେ ମୂଲ୍ୟାୟନରେ ସ୍ୱଚ୍ଛତା ଆଣିଛି ।

ତେବେ କହିବାର କଥା, ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଲମ ଗାର ଉପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରୁଛି, ବିଦ୍ୟାଦାନ ରୂପକ ପବିତ୍ର କର୍ତ୍ତବ୍ୟ ଯେଉଁମାନେ ନିର୍ବାହ କରୁଛନ୍ତି, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ମହାନୀୟତା ସମ୍ପର୍କରେ ସେମାନେ ସଚେତନ ହେବା ଉଚିତ । ଦେଶ ଗଢ଼ିବାର କାରିଗରମାନଙ୍କୁ ଗଢୁଥିବା ସ୍ରଷ୍ଟାମାନେ ନିଜର ତ୍ରୁଟି ପାଇଁ, ନିଜର ଦାୟିତ୍ୱହୀନତା ପାଇଁ ଦଣ୍ଡିତ ହେବେ- ଏହା ଆଦୌ ଶୁଭ ଲକ୍ଷଣ ନୁହେଁ । ଏହା ଶିକ୍ଷକ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବ୍ୟାପାର । ଦ୍ରୋଣାଚାର୍ଯ୍ୟଙ୍କଠାରୁ ଆଜିର ଆଚାର୍ଯ୍ୟମାନଙ୍କ ପର୍ଯ୍ୟନ୍ତ ସବୁ ବ୍ୟତିକ୍ରମ ସତ୍ତ୍ୱେ ସମାଜ ଶିକ୍ଷାଦାତାମାନଙ୍କୁ ଯେଉଁ ମର୍ଯ୍ୟାଦା ଦେଇ ଆସିଛି, ସେଥିରେ ଯେମିତି ବ୍ୟତିକ୍ରମ ନହେଉ । ୧୩୦ ଜଣଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ୧୩ ଶହ କିମ୍ବା ୧୩ ହଜାର କି ୧୩ ଲକ୍ଷ ଶିକ୍ଷକଙ୍କୁ ନିଜ ସ୍ୱାଭିମାନ ସମ୍ପର୍କରେ ସଚେତନ କରୁ, ଏହା ଆମେ କାମନା କରିବା । ■

ଭୈରବ କଲେଜ, ଡାବୁଗାଁ, ନବରଙ୍ଗପୁର
ମୋ: ୯୪୩୭୦୩୩୦୭୪

ବିଶ୍ୱର ଚମକ- ଭାରତୀୟ ମଲ୍ଲବୀର ଦାରା ସିଂ

ବିଗତ ବର୍ଷମାନଙ୍କରେ ନିର୍ମିତ ଦୁଇଟି ହିନ୍ଦୀ ଚଳଚ୍ଚିତ୍ର ସଲ୍‌ମାନ ଖାନ୍‌ଙ୍କ 'ସୁଲତାନ୍' ଏବଂ ଅମିର ଖାନ୍‌ଙ୍କ 'ଦଙ୍ଗଲ' ଦେଶ ବିଦେଶରେ ଅପୂର୍ବ ଲୋକପ୍ରିୟତା ହାସଲ କରିବା ସହିତ ସୁପରହିଟ୍ ହୋଇପାରିଛି । ଏ ଦୁଇଟି ଚଳଚ୍ଚିତ୍ରର ବିଶେଷତ୍ୱ ହେଲା- ଦୁଇଟିଯାକ ସମ୍ପୂର୍ଣ୍ଣ ରୂପେ ମଲ୍ଲଯୁଦ୍ଧ ବା ରେସ୍‌ଲିଂ ଉପରେ ଆଧାରିତ ଥିଲା । ଫିଲ୍ମ ଦୁଇଟିରେ ପହିଲିମାନମାନଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ସହିତ ମଲ୍ଲଯୁଦ୍ଧର ବିଭିନ୍ନ କଳାର ଅପୂର୍ବ ପ୍ରଦର୍ଶନ କରାଯାଇଥିଲା, ଯାହାକୁ କି ଦର୍ଶକମାନେ ପସନ୍ଦ କରିଥିଲେ ।

କୁସ୍ତି ଓ ପହିଲିମାନମାନଙ୍କ କଥା ଆଲୋଚନା ହେଲେ

ପ୍ରସନ୍ନ ମିଶ୍ର

ପ୍ରଥମେ ଯାହାଙ୍କ ନାମଟି ମନକୁ ଆସେ, ସେ ହେଲେ ଆମ ଦେଶର ଗର୍ବ ଓ ଗୌରବ ବିଶ୍ୱବିଖ୍ୟାତ ମଲ୍ଲବୀର ଦାରା ସିଂ । ଜାତୀୟ ଓ ଆନ୍ତର୍ଜାତିକ କୁସ୍ତି ପ୍ରତିଯୋଗିତାର ଶୀର୍ଷ ସ୍ଥାନରେ ଥାଇ ଦାରା ସିଂ ଏଭଳି ପ୍ରସିଦ୍ଧି ଲାଭ କରିଥିଲେ ଯେ ସେ ଆମ ଦେଶରେ ରୁସ୍ତମ୍- ଏ- ହିନ୍ଦ୍ ନାମରେ ପରିଚିତ ହୋଇଥିଲେ । ପଞ୍ଜାବର ଅମୃତସରରେ ୧୯୨୮ ନଭେମ୍ବର ୧୯ ତାରିଖ ଦିନ ଦାରା ସିଂ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂରା ନାମ ଥିଲା ଦାରା ସିଂ ରାନ୍ଧୱା । ଦାରା ସିଂ ତାଙ୍କ ସମୟର ବହୁ ନାମକରା ବିଶ୍ୱସ୍ତରୀୟ ପହିଲିମାନମାନଙ୍କୁ ପରାସ୍ତ କରି ଇତିହାସ ସୃଷ୍ଟି କରିଥିଲେ । ତାଙ୍କ ଭଳି ଜଣେ ଦୃଷ୍ଟାନ୍ତମୂଳକ ପ୍ରତିଯୋଗୀ ଥିଲେ ଅଷ୍ଟ୍ରେଲିଆର ବିଖ୍ୟାତ ମଲ୍ଲବୀର କିଙ୍ଗ୍‌କଙ୍ଗ୍, ଯେ କି ଉକ୍ତ ଦିନମାନଙ୍କରେ ବିଶ୍ୱରେ କମ୍ପନ ସୃଷ୍ଟି କରିଥିଲେ । ବିଗତ ପଚାଶ ଦଶକରେ ଗୋଟିଏ ପ୍ରତିଯୋଗିତାରେ ଦାରା ସିଂ ନିଜଠାରୁ ବହୁ ଅଧିକ ଓଜନର ପହିଲିମାନ ଅଷ୍ଟ୍ରେଲିଆର କିଙ୍ଗ୍‌କଙ୍ଗ୍‌ଙ୍କୁ ପ୍ରଥମେ ରିଂ ଭିତରେ ଚିତ୍ କରିଦେବା ପରେ ତାଙ୍କୁ ହାତରେ ଉଠାଇ ରିଂ ବାହାରକୁ ଫିଙ୍ଗି ଦେଇଥିଲେ । ସେତେବେଳେ ଦାରା ସିଂଙ୍କ ଓଜନ ୧୩୦ କିଲୋଗ୍ରାମ୍ ଥିବାବେଳେ କିଙ୍ଗ୍‌କଙ୍ଗ୍‌ଙ୍କ ଓଜନ ଥିଲା ୨୦୦ କିଲୋଗ୍ରାମ୍ । ଦାରା ସିଂ ମାତ୍ର ୧୯ ବର୍ଷ ବୟସରେ ୧୯୪୭ରେ ଭାରତୀୟ ଷ୍ଟାଇଲ୍ କୁସ୍ତିରେ ମାଲେସିଆର ଚାମ୍ପିଅନ୍ ତ୍ରିଲୋକ ସିଂଙ୍କୁ ହରାଇବା ପରେ ଟ୍ରଫି ହାସଲ କରି ପାଞ୍ଚବର୍ଷ ପର୍ଯ୍ୟନ୍ତ ଫ୍ରି- ଷ୍ଟାଇଲ୍ କୁସ୍ତିରେ ପୃଥିବୀର ବହୁ ପହିଲିମାନମାନଙ୍କୁ ଚିତ୍ କରିଥିଲେ । ଏହାପରେ ସେ ଭାରତ ଫେରିଆସି ୧୯୫୪ରେ ଭାରତୀୟ କୁସ୍ତି ଚାମ୍ପିଅନ୍ ହୋଇଥିଲେ ।

ପରେ ସେ ବ୍ରିଟିଶ୍ କମନ୍‌ୱେଲ୍‌ଥ୍ ଦେଶ ଭ୍ରମଣରେ ଯାଇଥିଲେ । ବିଶ୍ୱ ଚାମ୍ପିଅନ୍ କିଙ୍ଗ୍‌କଙ୍ଗ୍‌ଙ୍କୁ ହରାଇବା ପରେ ଦାରା ସିଂଙ୍କ ପ୍ରସିଦ୍ଧିରେ ଈର୍ଷାନ୍ୱିତ ହୋଇ କାନାଡ଼ାର ବିଶ୍ୱ ଚାମ୍ପିଅନ୍ ଜର୍ଜ ଗାର୍ଡ଼ିୟାଙ୍କା ଏବଂ ନ୍ୟୁଜିଲାଣ୍ଡର ଅନ୍ୟତମ ପହିଲିମାନ ଜନ୍ ଡି ସିଲ୍‌ଭା ୧୯୫୯ରେ କଲିକତାରେ ଅନୁଷ୍ଠିତ କମନ୍‌ୱେଲ୍‌ଥ୍ କୁସ୍ତି ଚାମ୍ପିଅନ୍‌ସିପ୍‌ରେ ତାଙ୍କୁ ଲଢ଼ିବା ପାଇଁ ଚାଲେଞ୍ଜ୍ ଦେଇଥିଲେ । ସେଠାରେ ଦାରା ସିଂ ଉଭୟ ପହିଲିମାନଙ୍କୁ ହରାଇ ପୁନଃ ବିଶ୍ୱ ଚାମ୍ପିଅନ୍ ମୁକୁଟ/ ପଟି ଧାରଣ କରିଥିଲେ । ଏହାପରେ ୧୯୨୮ ମେ' ୨୯ ତାରିଖ ଦିନ ଆମେରିକାର ବିଶ୍ୱ ଚାମ୍ପିଅନ୍ ଲାଉ ଥେଜ୍‌ଙ୍କୁ ପରାସ୍ତ କରି ବିଶ୍ୱ କୁସ୍ତି ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ି ଦେଇଥିଲେ । ଦାରା ସିଂ ଜୀବନକାଳ ଭିତରେ ୫୦୦ରୁ ଊର୍ଦ୍ଧ୍ୱ ପହିଲିମାନମାନଙ୍କୁ ହରାଇଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ପହିଲିମାନମାନଙ୍କୁ ସେମାନଙ୍କ ନିଜ ଦେଶ ମାଟିରେ ଚିତ୍ କରି ଦେଇଥିଲେ । ୧୯୬୬ରେ ତାଙ୍କୁ ରୁସ୍ତମ୍- ଏ- ପଞ୍ଜାବ ଟାଇଟଲ୍‌ରେ ସମ୍ମାନିତ କରାଯିବା ପରେ ଭାରତ ମାଟିରେ ୧୨ ବର୍ଷ ପରେ ଦାରା ସିଂଙ୍କୁ ୧୯୭୮ରେ ରୁସ୍ତମ୍- ଏ- ହିନ୍ଦ୍ ଟାଇଟଲ୍‌ରେ ଭୂଷିତ କରା ଯାଇଥିଲା ।

ଦାରା ସିଂ ପ୍ରାୟ ୩୬ ବର୍ଷ ଧରି କୁସ୍ତି ଲଢ଼ିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ସେ କୌଣସି



ଶ୍ରଦ୍ଧାବାର୍ଷିକୀ ଉପଲକ୍ଷେ

ଲଢ଼େଇରେ କେବେ ହାରି ନଥିଲେ । ଏଥିପାଇଁ ତାଙ୍କର ନାମ ବିଖ୍ୟାତ ପତ୍ରିକା 'ଅବଜର୍ଭର୍ ନ୍ୟୁଜ୍ ଲେଟର୍ ହଲ୍ ଅଫ୍ ଫେମ୍'ରେ ଲିପିବଦ୍ଧ ହୋଇଥିଲା । ଦାରା ସିଂ ରିଅଲ୍ ଲାଇଫ୍‌ରେ ପହିଲିମାନ ଥିଲେ ଏବଂ ଏଥିପାଇଁ କୁସ୍ତି ଆଖଡ଼ା ଗୁଡ଼ିକରେ ତାଙ୍କ ସହିତ ଲଢ଼ିବା ପାଇଁ ଅନ୍ୟ ପହିଲିମାନମାନେ ଭୟଭୀତ ହୋଇଯାଉଥିଲେ । ସେ କୁସ୍ତିର ସମସ୍ତ ଦାଓ ଓ ପେଞ୍ଚ ଜାଣିଥିଲେ । ଖୁବ୍ ଡେଙ୍ଗା ଓ ତାଗଡ଼ା ଶରୀରବିଶିଷ୍ଟ ବିଶ୍ୱ ଚାମ୍ପିଅନ୍ ଦାରା ସିଂଙ୍କ ପ୍ରତି କ୍ରମଶଃ ଅଧିକରୁ ଅଧିକ ଚଳଚ୍ଚିତ୍ର ନିର୍ମାତା ଆକୃଷ୍ଟ ହୋଇ ପଡ଼ିଲେ । ସେ ଅନେକଗୁଡ଼ିଏ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ହେଁ ଉଲ୍ଲେଖଯୋଗ୍ୟ ସିନେମାସବୁ ହେଲା- କିଙ୍ଗ୍‌କଙ୍ଗ୍, ଫୌଲାଦ୍, ରୁସ୍ତମ୍- ଏ - ବାଗ୍‌ଦାଦ୍, ସାମ୍‌ସନ୍, ଆନ୍ଧି ଔର ତୁଫାନ୍, ରାକା, ଡାକୁ ମଙ୍ଗଳ ସିଂ, ଦାଦା ଓ ଏଲାନ- ଏ- ଜଙ୍ଗ୍ ଇତ୍ୟାଦି । ଯଦିଓ ହିନ୍ଦୀ ଡାଏଲଗ୍ କହିବାରେ ଓ ଅଭିନୟରେ ସେ ଖୁବ୍ ଦୁର୍ବଳ ଥିଲେ, ମାତ୍ର ନିଜର ବିଶାଳ ବଳିଷ୍ଠ ଶରୀର କାରଣରୁ ବିଭିନ୍ନ ମାରପିଟ୍ ଦୃଶ୍ୟରେ ତାଙ୍କର ଆକ୍ସନ୍ ସ୍ୱାଭାବିକ ଲାଗୁଥିଲା, ଯେଉଁଥିପାଇଁ ଦର୍ଶକମାନେ ଦାରା ସିଂଙ୍କୁ ଖୁବ୍ ପସନ୍ଦ କରୁଥିଲେ । ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ରାମାନନ୍ଦ ସାଗରଙ୍କ ଟିଭି ସିରିଏଲ ରାମାୟଣର ହନୁମାନ ଭୂମିକାରେ ଅଭିନୟ କରି ଦାରା ସିଂ ଦୀର୍ଘଦିନ ଧରି ଦର୍ଶକମାନଙ୍କ ହୃଦୟରେ ରହି ଯାଇଥିଲେ ।

ଏହି ପ୍ରସିଦ୍ଧ ମଲ୍ଲବୀର ୨୦୧୨ ମସିହା ଜୁଲାଇ ମାସ ୭ ତାରିଖ ଦିନ ହୃଦ୍‌ଘାତ କାରଣରୁ ମୁମ୍ବାଇର ବିଖ୍ୟାତ କୋକିଲାବେନ୍ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ଡାକ୍ତରମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ କୌଣସ ଲାଭ ନ ମିଳିବାରୁ ସେମାନେ ହାତ ଟେକିଦେଲେ । ସେତେବେଳେ ଦାରା ସିଂଙ୍କ ପରିବାର ଲୋକଙ୍କ ଅନୁରୋଧକ୍ରମେ ତାଙ୍କୁ ହସ୍ପିଟାଲ୍‌ରୁ